# NATIONAL NEWS BULLETIN (ODIA)

## 8 October - 2024

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ମାଳଦ୍ୱୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁଙ୍କ ସହ ସାକ୍ଷାତ ଆଲୋଚନା କଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ।
- ୨୦୨୨ ମସିହା ନିମନ୍ତେ ଆଜି ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଜାମ୍ମୁ କାଶ୍ମୀର ଏବଂ ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ଆଜି ସକାଳ ୮ଟାରୁ ଆରମ୍ଭ ହେବ ମତଗଣନା ।
- ଶରୀର ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚଳିତ ବର୍ଷ ପାଇଁ ନୋବେଲ୍ ପୁରସ୍କାର ପାଇବେ ବୈଜ୍ଞାନିକ ଭିକ୍ଟର ଆମ୍ବ୍ରୋସ୍ ଏବଂ ଗାରି ରୁଭ୍କୁନ୍ ।

ଏବଂ

- ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ମୁହାଁମୁହିଁ ହେବେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ।

## ରାଷ୍ଟ୍ରପତି-ଉପରାଷ୍ଟ୍ରପତି-ମୁଇଜ୍ଜୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ନୂଆଦିଲ୍ଲୀରେ ମାଳଦ୍ୱୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁଙ୍କ ସହ ସାକ୍ଷାତ କରିଛନ୍ତି । ରାଷ୍ଟ୍ରପତି ଡକ୍ଟର ମୁଇଜୁଙ୍କ ସମ୍ମାନରେ ନୈଶ୍ୟ ଭୋଜିର ଆୟୋଜନ କରିଥିଲେ । ଉଭୟ ନେତା ଭାରତ-ମାଳଦ୍ୱୀପ ଦ୍ୱିପକ୍ଷିୟ ସମ୍ପର୍କ ସମୀକ୍ଷା କରିବା ସହ ଏହାକୁ ଆହୁରି ଆଗକୁ ନେବା ଲାଗି ପ୍ରତିବଦ୍ଧତା ଦୋହରାଇଥିଲେ । ରାଷ୍ଟ୍ରପତି କହିଥିଲେ, ମାଳଦ୍ୱୀପ 'ପ୍ରଥମେ ପଡ଼ୋଶୀ' ନୀତି ଅନୁଯାୟୀ ଭାରତର ଅତ୍ୟନ୍ତ ନିକଟତର ।

ବୈଠକ ସମୟରେ ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ଏବଂ ଶ୍ରୀ ମୁଇଜ୍ଜୁ ସମ୍ବନ୍ଧ ଦୃଢ଼ କରିବା ଲାଗି ଉଭୟ ଦେଶ ମଧ୍ୟରେ ସମଦୃଷ୍ଟିକୋଣ ରହିଥିବା ପ୍ରକାଶ କରିଥିଲେ ।

## ପି.ଏମ୍. - ମାଳଦୀପ ଟକ୍ସ

ଭାରତ ମାଳଦୀପକୁ ୪୦ କୋଟି ଆମେରିକୀୟ ଡଲାର ସହାୟତା ପ୍ରଦାନ କରିଛି । ଏଥିସହିତ ୩ ହଜାର କୋଟି ଟଙ୍କା ମୁଦ୍ରା ବିନିମୟ ବୁଝାମଣାପତ୍ର ମାଳଦୀପ ସହ ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମାଳଦୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୋଇଜୁଙ୍କ ମଧ୍ୟରେ ଗତକାଲି ନୂଆଦିଲ୍ଲୀରେ ପ୍ରତିନିଧିସ୍ତରୀୟ କଥାବାର୍ତ୍ତା ପରେ ଏହି ନିଷ୍ପତ୍ତି

ନିଆଯାଇଥିଲା । ମୁଦ୍ରା ବିନିମୟ ନିମନ୍ତେ ଉଭୟ ଦେଶ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ, ଯାହାଦ୍ୱାରା ଦୁର୍ନୀତି ରୋକିବାରେ ସହଯୋଗ ମିଳିପାରିବ । ଏହାଛଡ଼ା ମାଳଦୀପର ନ୍ୟାୟିକ ଅଧିକାରୀ ଓ କ୍ରୀଡ଼ା ଏବଂ  ଯୁବ ବ୍ୟାପାର ଅଧିକାରୀଙ୍କ ନିମନ୍ତେ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ସମ୍ପର୍କିତ ଦୁଇଟି ବୁଝାମଣାପତ୍ରର ଅବଧି ବୃଦ୍ଧି କରାଯାଇଛି ।

ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଅର୍ଥନୈତିକ ଏବଂ ସାମୁଦ୍ରିକ ସୁରକ୍ଷା ସହଭାଗିତା କ୍ଷେତ୍ରରେ ଉଭୟ ଦେଶ ରଣନୀତିକ ବିକାଶକୁ ଗୁରୁତ୍ୱ ଦେଉଛନ୍ତି ।

ମାଳଦୀପ ରାଷ୍ଟ୍ରପତି ଡକ୍ଟର ମୋଇଜ୍ଜୁ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଦୁଇ ଦେଶର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ସଫଳ ହୋଇଛି । ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନିମନ୍ତେ ଦୂରଦୃଷ୍ଟିସମ୍ପନ୍ନ ନୀତି କାର୍ଯ୍ୟକାରୀ ଲାଗି ଉଭୟ ଦେଶ ରାଜି ହୋଇଛନ୍ତି ।

## ରାଷ୍ଟ୍ରପତି-ଚଳଚ୍ଚିତ୍ର ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୨୦୨୨ ମସିହା ନିମନ୍ତେ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ । ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସମ୍ମାନ ସ୍ୱରୂପ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ରାଷ୍ଟ୍ରପତି ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରିବେ । କନ୍ନଡ଼ ଚଳଚ୍ଚିତ୍ର 'କଣ୍ଟାରା'ରେ ଶ୍ରେଷ୍ଠ ଅଭିନୟ ପାଇଁ ରିଷବ ସେଟ୍ଟୀଙ୍କୁ ଶ୍ରେଷ୍ଠ

ଅଭିନେତା ପୁରସ୍କାର ପ୍ରଦାନ କରାଯିବ । ସେହିପରି ତାମିଲ୍ ଚଳଚ୍ଚିତ୍ର 'ତିରୁଚିତ୍ରାମ୍ବଲମ୍' ପାଇଁ ନିତ୍ୟା ମେନନ୍ ଏବଂ ଗୁଜୁରାଟୀ ଚଳଚ୍ଚିତ୍ର 'କଚ୍ଛ ଏକ୍ସପ୍ରେସ୍' ପାଇଁ ମାନସୀ ପାରେଖଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯିବ ।

ଚଳଚ୍ଚିତ୍ର ଉପରେ ଆଧାରିତ ସର୍ବଶ୍ରେଷ୍ଠ ପୁସ୍ତକ ପୁରସ୍କାର ଅନିରୁଦ୍ଧ ଭଟ୍ଟାଚାର୍ଯ୍ୟ ଏବଂ ପାର୍ଥିବ ଧରଙ୍କୁ ସେମାନଙ୍କ ପୁସ୍ତକ 'କିଶୋର କୁମାର – ଦ ଅଲ୍ଟିମେଟ୍ ବାୟୋଗ୍ରାଫି' ପାଇଁ ମିଳିବ । ସେହିପରି ମାଲାୟଲମ ଚଳଚ୍ଚିତ୍ର 'ଆଟମ୍'କୁ ସର୍ବଶ୍ରେଷ୍ଠ ଫିଚର ଫିଲ୍ମ ପୁରସ୍କାର ଏବଂ ସୁରଜ ବଡ଼ଜାତ୍ୟାଙ୍କୁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯିବ । ଫିଚର ଫିଲ୍ମ ଶ୍ରେଣୀରେ ଗୁଲମୋହରକୁ ସର୍ବଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ଏବଂ ଅଣ-ଫିଚର ଫିଲ୍ମ ବର୍ଗରେ ହରିଆଣା ଚଳଚ୍ଚିତ୍ର ଫୌଜାକୁ ସର୍ବଶ୍ରେଷ୍ଠ ଗୀତ ଭାବେ ପୁରସ୍କୃତ କରାଯିବ ।

ସଂଗୀତ ବର୍ଗରେ ଅରିଜିତ ସିଂହଙ୍କୁ ସର୍ବଶ୍ରେଷ୍ଠ ପୁରୁଷ ପାର୍ଶ୍ୱ ଗାୟକ ଏବଂ ବମ୍ବେ ଜୟଶ୍ରୀଙ୍କୁ ସର୍ବଶ୍ରେଷ୍ଠ ଗାୟିକା ଭାବେ  ପୁରସ୍କାର ଦିଆଯିବ । ଚଳଚ୍ଚିତ୍ର ଜଗତକୁ ଅବଦାନ ପାଇଁ ପୋନିଇନ୍ ସେଲଭାନ ପ୍ରଥମ ଭାଗ, କେ.ଜି.ଏଫ୍.-୨, ବ୍ରହ୍ମାସ୍ତ୍ର, ଅପରାଜିତ, ଏମୁଥି ପୁଥି, କାବେରୀ ଅର୍ନ୍ତଧାନ, ଦମନ ଏବଂ ବାଗି ଦି ଧୀ ଚଳଚ୍ଚିତ୍ରକୁ ମଧ୍ୟ ସମ୍ମାନିତ କରାଯିବ ।

# ସିବିଡିଟି-ଆୟକର

ଆୟକର ଅଧିନିୟମ ୧୯୬୧ର ସମୀକ୍ଷା ପାଇଁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ୍ ଏକ ବିଭାଗୀୟ କମିଟି ଗଠନ କରିଛି । ଅର୍ଥମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି କମିଟି ଆୟକର ଅଧିନିୟମ ୧୯୬୧କୁ ସରଳ, ସ୍ପଷ୍ଟ ଏବଂ ସଂକ୍ଷିପ୍ତ କରିବ । ଏହା ଦ୍ୱାରା ସୃଷ୍ଟି ହେଉଥିବା ବିବାଦ ଏବଂ ନ୍ୟାୟିକ ମତଭେଦ ହ୍ରାସ କରାଯାଇପାରିବ । ସୂଚନା ଅନୁଯାୟୀ କରଦାତାମାନଙ୍କୁ ଏହି ଅଧିନିୟମର ସରଳୀକରଣ ଲାଭ ଦେବ । ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ପକ୍ଷ, ବିଶେଷଜ୍ଞ ଏବଂ ସାଧାରଣ ଲୋକଙ୍କ ଠାରୁ ଏ ସମ୍ପର୍କରେ ମତାମତ ମଗାଯାଇଛି । ଆଗ୍ରହୀ ବ୍ୟକ୍ତି ଇ-ଫାଇଲିଂ ପୋର୍ଟାଲ୍‌ରେ ନିଜର ମତାମତ ଦେଇପାରିବ । ଭାଷା ସରଳୀକରଣ, ଆଇନ୍‌ଗତ ବିବାଦ ହ୍ରାସ ଏବଂ ଅନାବଶ୍ୟକ ବ୍ୟବସ୍ଥାକୁ ହଟାଇବା ସମ୍ବନ୍ଧରେ ମତାମତ ଆହ୍ୱାନ କରାଯାଇଛି ।

# ମତଗଣନା

ଜାମ୍ମୁ କାଶ୍ମୀର ଏବଂ ହରିଆଣା ବିଧାନସଭା ନିର୍ବାଚନର ଆଜି ସକାଳ ୮ଟାରୁ ମତଗଣନା ଆରମ୍ଭ ହେବ । ଅପରାହ୍ଣ ସୁଦ୍ଧା ଫଳାଫଳ ମିଳିବାର ସମ୍ଭାବନା ରହିଛି । ପ୍ରଥମ ପୋଷ୍ଟାଲ ବ୍ୟାଲାଟ୍ ଗଣନା କରାଯିବ । ଭୋଟ ଗଣନା କାର୍ଯ୍ୟ ସ୍ୱଚ୍ଛ ଏବଂ ସୁରକ୍ଷିତ ଭାବେ କରିବା ଲାଗି ନିର୍ବାଚନ ଆୟୋଗ ବ୍ୟାପକ ବ୍ୟବସ୍ଥା କରିଛନ୍ତି । ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍

**eci.gov.in**ରେ ଭୋଟ୍ ଗଣତି ସମ୍ପର୍କିତ ସୂଚନା ମିଳିପାରିବ । ମତଗଣନା କେନ୍ଦ୍ର ଗୁଡ଼ିକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ଜାମ୍ମୁ କାଶ୍ମୀରରେ ୮୭୩ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ଆଜି ନିର୍ଦ୍ଧାରଣ ହେବ । କେନ୍ଦ୍ର ଶାସିତ ପ୍ରଦେଶ ୨୮ଟି ମତଗଣନା କେନ୍ଦ୍ର କରାଯାଇଛି । କାଶ୍ମୀରରେ ଶ୍ରୀନଗର, ବଡ଼ଗାମ୍, ଗାନ୍ଦରବଲ, ବାନ୍ଦିପୋରା, ବାରାମୂଲା, କୁପଓ୍ୱାଡ଼ା, ସୋପିୟାଁ, କୁଲଗାମ୍, ପୁଲଓ୍ୱାମା ଏବଂ ଅନନ୍ତନାଗରେ ୧୦ଟି ମତଗଣନା କେନ୍ଦ୍ର ସ୍ଥାପନ କରାଯାଇଛି । ଗତ ମାସ ୧୮ ଏବଂ ୨୫ ଓ ଚଳିତ ମାସ ୧ ତାରିଖରେ ତିନୋଟି ପର୍ଯ୍ୟାୟରେ ଜାମ୍ମୁ କାଶ୍ମୀରର ୯୦ଟି ବିଧାନସଭା ଆସନ ଲାଗି ମତଦାନ ହୋଇଥିଲା ।

ହରିଆଣାରେ ଭୋଟ ଗଣତି ଲାଗି ୨୨ଟି ଜିଲ୍ଲାରେ ୯୦ଟି ମତଗଣନା କେନ୍ଦ୍ର କରାଯାଇଛି । ହରିଆଣାର ୯୦ଟି ବିଧାନସଭା ଆସନ ପାଇଁ ଚଳିତ ମାସ ୫ ତାରିଖରେ ମତଦାନ ହୋଇଥିଲା ।

## ନୋବେଲ ପୁରସ୍କାର

ଶରୀର ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚଳିତ ବର୍ଷ ପାଇଁ ବୈଜ୍ଞାନିକ ଭିକ୍ଟର ଆମ୍ବ୍ରୋସ୍ ଏବଂ ଗାରି ରୁଭ୍‌କୁନ୍ ନୋବେଲ୍ ପୁରସ୍କାର ପାଇବେ । ଗତକାଲି ନୋବେଲ କମିଟି ଏହି ବିଷୟ ଘୋଷଣା କରିଛି । microRNAର ଆବିଷ୍କାର ଏବଂ Post-Transcriptional ଜିନ୍ ପରିଚାଳନା କ୍ଷେତ୍ରରେ ଏହାର ଭୂମିକା ନିମନ୍ତେ ଉଭୟଙ୍କୁ ଏହି ପୁରସ୍କାର ମିଳିବ । microRNA ହେଉଛି ଏକ

ମୌଳିକ ସିଦ୍ଧାନ୍ତ, ଯାହା ଜିନ୍‌ର ଗତିବିଧି କିଭଳି ନିୟନ୍ତ୍ରଣ କରାଯାଇପାରିବ, ତାହା ସ୍ଥିର କରିଥାଏ । ଉଭୟ ବିଜେତାଙ୍କୁ ୧୧ ଲକ୍ଷ ଡଲାର ଅର୍ଥରାଶି ପ୍ରଦାନ କରାଯିବ । ଆଜି ପଦାର୍ଥ ବିଜ୍ଞାନ ଏବଂ ଆସନ୍ତାକାଲି ରସାୟନ ବିଜ୍ଞାନ ନିମନ୍ତେ ନୋବେଲ୍ ବିଜେତାଙ୍କ ନାମ ଘୋଷଣା କରାଯିବ ।

## ବନ ଅଧିକାର କର୍ମଶାଳା

ବନ ଅଧିକାର ଅଧିନିୟମ ଏବଂ ଅନୁସୂଚିତ ଅଞ୍ଚଳରେ ପଞ୍ଚାୟତ ବିସ୍ତାର ଅଧିନିୟମ ସମ୍ପର୍କରେ ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ନିମନ୍ତେ ଦୁଇ ଦିନିଆ ରାଷ୍ଟ୍ରୀୟ କର୍ମଶାଳା ଆଜିଠାରୁ ଆରମ୍ଭ ହେଉଛି । ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜନଜାତି କାର୍ଯ୍ୟ ମନ୍ତ୍ରଣାଳୟ ମିଳିତ ଭାବେ ଜବଲପୁର ଠାରେ ଏହି କର୍ମଶାଳା ଆୟୋଜନ କରୁଛନ୍ତି । ଜନଜାତି ସମ୍ପ୍ରଦାୟ, ଜିଲ୍ଲାସ୍ତରୀୟ ସମିତି, ସବ୍‌ଡିଭିଜନ୍ ସ୍ତରୀୟ ସମିତି ଏବଂ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଏହି ଅଧିନିୟମ ବିଷୟରେ କର୍ମଶାଳାରେ ପ୍ରଶିକ୍ଷଣ ଦିଆଯିବ । ଫଳରେ ତୃଣମୂଳ ସ୍ତରରେ ଉଭୟ ଅଧିନିୟମକୁ ସଫଳ ଭାବରେ କାର୍ଯ୍ୟକାରୀ କରାଯାଇ ପାରିବ । ସୂଚନା ଅନୁଯାୟୀ ଏହି କର୍ମଶାଳାରେ ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୧୫୦ ଜଣ ପ୍ରତିନିଧିଙ୍କ ସମେତ ରାଜ୍ୟ ଏବଂ ଜିଲ୍ଲାସ୍ତରର ପ୍ରମୁଖ ପ୍ରଶିକ୍ଷକମାନେ ଭାଗ ନେବେ ।

# ନଡ୍ଡା-ଟିବି

ଯକ୍ଷ୍ମାରୋଗୀ ଏବଂ ସେମାନଙ୍କ ସଂସ୍ପର୍ଶରେ ଆସୁଥିବା ସମ୍ପର୍କୀୟମାନଙ୍କ ଲାଗି ଅଧିକ ପୋଷଣ ଉପଲବ୍ଧ କରାଇବା ନିମନ୍ତେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜି.ପି. ନଡ୍ଡା ଅନେକ ଗୁଡ଼ିଏ ପଦକ୍ଷେପ ଘୋଷଣା କରିଛନ୍ତି । ଦେଶରୁ ଯକ୍ଷ୍ମା ମୂଳୋତ୍ପାଟନ ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ନଡ୍ଡା କହିଛନ୍ତି, ପୋଷଣ ଯୋଜନା ଅଧୀନରେ ସମସ୍ତ ଯକ୍ଷ୍ମା ରୋଗୀଙ୍କ ପାଇଁ ଚିକିତ୍ସା ସମୟରେ ମାସିକ ପୋଷଣ ସହାୟତା ୫୦୦ ଟଙ୍କାରୁ ୧ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ସେ କହିଛନ୍ତି, ସରକାର ୧୮ ଦଶମିକ୍ ୫ ପ୍ରତିଶତରୁ କମ୍ ବି.ଏମ୍.ଆଇ. ଥିବା ରୋଗୀଙ୍କ ଲାଗି ଅଧିକ ପୋଷଣ ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି ।

ଶ୍ରୀ ନଡ୍ଡା କହିଛନ୍ତି, ସରକାର ରୋଗୀଙ୍କ ପରିବାର ବର୍ଗଙ୍କୁ ଏଥିରେ ସାମିଲ କରିବା ଲାଗି ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ନିକ୍ଷୟ ମିତ୍ରର ପରିସର ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ନିକ୍ଷୟ ପୋଷଣ ଯୋଜନାରେ ପୋଷଣ ସହାୟତା ଅର୍ଥ ୩ ହଜାରରୁ ୬ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ପ୍ରତ୍ୟେକ ବର୍ଷ ୨୫ ଲକ୍ଷ ରୋଗୀଙ୍କୁ ଲାଭ ମିଳିବ ଓ କମ୍ ଓଜନ ବିଶିଷ୍ଟ ୧୨ ଲକ୍ଷ ରୋଗୀ ପୁରକ ପୋଷଣ ଯୋଜନାରେ ଲାଭାନ୍ୱିତ ହେବେ । ଏଥିଲାଗି ଅତିରିକ୍ତ ୧ହଜାର ୪୦ କୋଟି ଟଙ୍କା ଖର୍ଚ୍ଚ ହେବ । କେନ୍ଦ୍ର ସରକାର ଏହି ଅର୍ଥ ପରିମାଣର ୬୦ ପ୍ରତିଶତ ଏବଂ ରାଜ୍ୟ ସରକାରଗୁଡ଼ିକ ୪୦ ପ୍ରତିଶତ ବହନ କରିବେ । ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ନିକ୍ଷୟ ପୋଷଣ ଯୋଜନାରେ ଏ ପର୍ଯ୍ୟନ୍ତ ୧ କୋଟି ୧୩ ଲକ୍ଷ ଲାଭାର୍ଥୀଙ୍କୁ ୩ ହଜାର ୨୦୨ କୋଟି ଟଙ୍କା ଆବଣ୍ଟନ କରାଯାଇଛି ।

# କ୍ରିକେଟ୍

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ସନ୍ଧ୍ୟାରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ । ଗ୍ରୁପ୍-ଏର ଏହି ମ୍ୟାଚ୍ ସାରଜା କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ଉଭୟ ଟିମ୍ ସେମାନଙ୍କର ପ୍ରଥମ ମ୍ୟାଚ୍ ଜିତି ସାରିଛନ୍ତି ।

ଗତକାଲି ସାରଜାରେ ଇଂଲଣ୍ଡ ୭ ଓ୍ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୧୨୪ରନ୍ ସ୍କୋର କରିଥିଲା । ଇଂଲଣ୍ଡ ୭ ଓ୍ୱିକେଟ୍ ଏବଂ ୪ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

# ଭାରତ-ବାଂଲାଦେଶ-ଟି-ଟ୍ୱେଣ୍ଟି

ଭାରତ ଏବଂ ବାଂଲାଦେଶ ମଧ୍ୟରେ ଆସନ୍ତାକାଲି ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ସନ୍ଧ୍ୟା ୭ଟାରେ ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ମ୍ୟାଚ୍ ଖେଳିବ । ୩ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାରେ ଭାରତ ଗୋଟିଏ ମ୍ୟାଚ୍‌ରେ ବିଜୟ ଲାଭ କରି ୧-୦ରେ ଆଗରେ ଅଛି । ତେବେ ଏହି ମ୍ୟାଚ୍ ବାଂଲାଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ । ଗତ ରବିବାର ଦିନ ହୋଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୭ ଓ୍ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲା । ସେହି ମ୍ୟାଚ୍‌ରେ ଭାରତୀୟ ବୋଲର ଅର୍ଶଦୀପ ସିଂହ ଏବଂ ବରୁଣ ଚକ୍ରବର୍ତ୍ତୀ ୩ଟି ଲେଖାଏଁ ଓ୍ୱିକେଟ୍ ହାସଲ କରିଥିଲେ ।